# ବଢୁଛି ଅନ୍‌ଲାଇନ୍ ଏତଲା ପଞ୍ଜୀକରଣ

ଭୁବନେଶ୍ୱର, ୨୦।୧୧(ତଥ୍ୟ)-ରାଜ୍ୟର ୫୫୦ଟି ଥାନାରେ ଅଭିଯୋଗକାରୀଙ୍କୁ ଏବେ କମ୍ପ୍ୟୁଟରୀକୃତ ଏତଲାର ନକଲ ଯୋଗାଇ ଦିଆଯାଉଛି । କେନ୍ଦ୍ର ସରକାରଙ୍କ ଇ-ଗଭର୍ଣ୍ଣାନ୍ସ ଯୋଜନାରେ ସମଗ୍ର ଦେଶରେ କାର୍ଯ୍ୟକାରୀ ହେଉଥିବା କ୍ରାଇମ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟ୍‌ୱାର୍କ ଆଣ୍ଡ ସିଷ୍ଟମ୍‌ସ (ସିସିଟିଏନ୍‌ଏସ୍) ଯୋଗୁଁ ଏହା ସମ୍ଭବ ହୋଇଥିବାବେଳେ ଖୁବ୍‌ଶୀଘ୍ର ଅନ୍‌ଲାଇନ୍‌ରେ ଏହା ଉପଲବ୍ଧ ହେବ ।

ରାଜ୍ୟ ଗୃହ ବିଭାଗର ପ୍ରମୁଖ ସଚିବ ସି.ଜେ.ଭେନୁଗୋପାଳ ସିସିଟିଏନ୍‌ଏସ୍ ଯୋଜନାର ଅଗ୍ରଗତି ନେଇ କରିଥିବା ସମୀକ୍ଷାରୁ ଏହା ଜଣାପଡିଛି । ପୁଲିସ୍ ମହାନିର୍ଦ୍ଦେଶକ ସଞ୍ଜୀବ ମାରିକ ଏହି କେନ୍ଦ୍ରୀୟ ଯୋଜନାର କାର୍ଯ୍ୟକାରିତା ନେଇ ଆଗ୍ରହ ଦେଖାଉଥିବାରୁ ଏହା ବେଶ୍ ଅଗ୍ରଗତି କରିପାରିଛି । ସବୁ ଠିକ୍‌ଠାକ୍ ଚାଲିଲେ ଖୁବ୍‌ଶୀଘ୍ର ପ୍ରାୟ ୬୦୦ ଥାନାରେ ପଞ୍ଜିକୃତ ହେଉଥିବା ଏତଲାଗୁଡିକ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ । ଷ୍ଟେଟ କ୍ରାଇମ ରେକର୍ଡ ବ୍ୟୁରୋ (ଏସ୍‌ସିଆରବି) ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛି ।

ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ପଞ୍ଜିକୃତ ହୋଇଥିବା ୭୬ ହଜାର ଏଫ୍‌ଆଇଆର ମଧ୍ୟରୁ ୫୩ ହଜାରରୁ ଅଧିକ କମ୍ପ୍ୟୁଟର ମାଧ୍ୟମରେ କରାଯାଇଛି । ପୁରୀ ଏବଂ ଖୋରଧା ଜିଲ୍ଲା ପୁଲିସ୍ ଏ କ୍ଷେତ୍ରରେ ସବୁଠାରୁ ଆଗରେ ରହିଛି । ଦେଶର ୨୮ ଟି ରାଜ୍ୟ ଓ ୭ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ୧୫ ହଜାର ଥାନା ଓ ୬୦୦୦ ଉଚ୍ଚପଦସ୍ଥ ପୁଲିସ୍ ଅଧିକାରୀଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ଅପରାଧ ଏବଂ ଅପରାଧୀ ମାନଙ୍କ ସଂକ୍ରାନ୍ତରେ ତୁରନ୍ତ ଓ ସଠିକ୍ ସୂଚନା ଯୋଗାଇଦେବା ସିସିଟିଏନ୍‌ଏସ୍ ଯୋଜନାର ମୂଳ ଲକ୍ଷ୍ୟ । ଏସ୍‌ସିଆରବିର ନିର୍ଦ୍ଦେଶକ ସଞ୍ଜିବ କୁମାର ପଣ୍ଡା ଓଡିଶାରେ ଏହାକୁ ତୁରନ୍ତ କାର୍ଯ୍ୟକାରୀ ଲାଗି ପଦକ୍ଷେପ ଗ୍ରହଣ କରୁଛନ୍ତି ।

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଏହି କେନ୍ଦ୍ରୀୟ ଯୋଜନାକୁ ନେସ୍‌ନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି) ଉଚ୍ଚ ପ୍ରଶଂସା କରିଛନ୍ତି । ଏହାର ମହାନିର୍ଦ୍ଦେଶକ ରାଜୀବ ରଞ୍ଜନ ବର୍ମା ନିକଟରେ ଓଡିଶା ପୁଲିସ୍‌ର କାର୍ଯ୍ୟନେଇ ନେଇ ସନ୍ତୋଷ ପ୍ରକାଶ କରିବା ସହିତ ଅନ୍ୟ ରାଜ୍ୟ ଅପେକ୍ଷା ଓଡିଶାରେ ସିସିଟିଏନ୍‌ଏସ୍ ଯୋଜନା ସଫଳଭାବେ କାର୍ଯ୍ୟକାରୀ ହେଉଥିବା ଦର୍ଶାଇଛନ୍ତି । ବିଦ୍ୟୁତ୍ ସମସ୍ୟା ଯୋଗୁଁ ରାଜ୍ୟର ଉପାନ୍ତ ଅଞ୍ଚଳରେ ଥିବା ଥାନାଗୁଡିକରେ ଅଭିଯୋଗକାରୀଙ୍କ କମ୍ପ୍ୟୁଟରୀକୃତ ଏଫ୍‌ଆଇଆର ନକଲ ଦେବାରେ ସମସ୍ୟା ଦେଖାଦେବାରୁ ରାଜ୍ୟ ଅକ୍ଷୟଶକ୍ତି ବିକାଶ ସଂସ୍ଥା ସୌରଶକ୍ତି ଯୋଗାଣ କରିବ । ବର୍ତ୍ତମାନ ଏଥିରେ ୧୮୧ ଥାନାକୁ ସାମିଲ କରାଯାଇଛି । ସେହିଭଳି ଇଣ୍ଟରନେଟ୍ ସୁବିଧା ନଥିବା ଦୁର୍ଗମ ଅଞ୍ଚଳର ୮୫ ଟି ଥାନାକୁ ଭି-ସାଟ୍ ଜରିଆରେ ଇଣ୍ଟାନେଟ୍ ଯୋଗାଣ କରାଯିବ । ସିସିଟିଏନ୍‌ଏସ୍ ପ୍ରକଳ୍ପ ମାଧ୍ୟମରେ ବିଭିନ୍ନ ସୂଚନା ସଂଗ୍ରହ, ଏହାକୁ ଗଚ୍ଛିତ ରଖିବା, ପୁନରୁଦ୍ଧାର ଓ ଅନୁଶୀଳନ ସହ ଦେଶର ପୁଲିସ୍ ବ୍ୟବସ୍ଥା ସହିତ ଏହି ସୂଚନା ଆଦାନପ୍ରଦାନ ହୋଇପାରିବ । ଏହାର ପରିଚାଳନା ନିମନ୍ତେ ଏସ୍‌ସିଆରବି ପକ୍ଷରୁ ୩୬ ଟି ପୁଲିସ୍ ଜିଲ୍ଲାରେ ୪୩ ଟି ପ୍ରଶିକ୍ଷଣ କେନ୍ଦ୍ର ଜରିଆରେ ପ୍ରାୟ ୩୦ ହଜାର ପୁଲିସ୍ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିବା ଜଣାଯାଇଛି ।